# Akashvani, Sambalpur

## SAMBALPURI NEWS EVENING BULLETIN

## 14 August 2025- 8.32 pm- 8.42 pm.

*********************************************

୧- ସ୍ୱାଧୀନତା ଦିବସ୍ ଆଘର୍ ସଞ୍ଜେ ରାଷ୍ଟ୍ରକେ ସମ୍ବୋଧିତ୍ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- କହେଲେ, ଭାରତ୍ ୨୦୪୭ ମସିହାତକ୍ ବର୍‌କସ୍ ଅର୍ଥନୀତି ହେବାର୍ ଦିଗେ ବଢୁଛେ ଆଗ୍‌କେ ।

- ପ୍ରତିରକ୍ଷା କ୍ଷେତ୍ରଥି ଦେଶର୍ ଆତ୍ମନିର୍ଭର୍‌ଶୀଳତାର ଗୁଟେ ପରୀକ୍ଷା ଥିଲା- ଅପରେସନ୍ ସିନ୍ଦୁର୍ ।

୨- ଦିଲ୍ଲୀର୍ ଐତିହାସିକ୍ ଲାଲ୍‌କିଲ୍ଲାନୁ ଆଏବା କାଏଲ୍ ଜାତୀୟ ପତାକା ଉତୋଳନ୍ ସାଙ୍ଗେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୩- କଟକ୍ ନ ହେଇଥିବା ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍‌ଥି ସାମିଲ୍ ହେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ଉଲ୍ଲେଖନୀୟ ସେବା ଲାଗି ଓଡ଼ିଶାର୍ ୨ ଝନ୍ ପାଏବେ ରାଷ୍ଟ୍ରପତି ପଦକ୍ ।

ରାଷ୍ଟ୍ରପତି-ଉଦ୍‌ବୋଧନ        ଆର୍‌ଏନ୍‌ୟୁ/ କଟକ୍

ଭାରତ୍ ୨୦୪୭ ମସିହାତକ୍ ବର୍‌କସ୍ ବିକଶିତ୍ ଅର୍ଥନୀତି ହେବାର୍ ଦିଗ୍‌କେ ଆଗ୍‌କେ ବଢୁଛେ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ୭୯ ତମ ସ୍ୱାଧୀନତା ଦିବସ ଆଘୋନୁ ଦେଶ୍‌ବାସୀଙ୍କର୍ ଉଦ୍ଦେଶ୍ୟ ଉଦ୍‌ବୋଧନ୍ ଦେଇକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍, ଅମୃତ୍‌କାଲ୍ ଅବ୍‌ସରେ ଦେଶ୍ ଅଭିବୃଦ୍ଧି ଦିଗ୍‌କେ ବଢ଼ିଚାଲିଛେ ଆଉ ସଁ' ନାଗରିକ୍ ନିଜର୍ ସର୍ବୋତମ୍ ଦକ୍ଷତା ଅନ୍‌ସାରେ ଇଥି ଯୋଗ୍‌ଦାନ୍ କରୁଛନ୍ । ବିକଶିତ୍ ଭାରତ୍ ସପନ୍ ସାକାର୍ କର୍‌ବାର୍ ଦିଗେ ଯୁଆନ୍ ପିଢ଼ି, ମହିଲା, ଆଉ ସମାଜ୍‌ର ସବୁ ବର୍ଗ ଗୁରୁତ୍ୱପୂର୍ଣ୍ଣ ଅବଦାନ୍ ଦେବେ ବଲି ରାଷ୍ଟ୍ରପତି ଆଶା କରିଛନ୍ ।

(ଭଏସ୍ ଓଭର୍- ବିକଶିତ୍ ଭାରତ୍)

ପହଲ୍‌ଗାମ୍ ଆତଙ୍କ୍‌ବାଦୀ ଆକ୍ରମଣ୍ ଘଟ୍‌ନା ବାବ୍‌ଦେ ରାଷ୍ଟ୍ରପତି କହିଛନ୍, ନିରୀହ ନାଗରିକଙ୍କର୍ ହତ୍ୟା, କାପୁରୁଷତା ଆଉ ଅମାନବୀୟ ଆଏ । ଦୃଢ଼ ସଂକଳ୍ପ ଆଉ ନିର୍ଣ୍ଣାୟକ ନିଷ୍ପତି ସହେତେ ଭାରତ୍ ଅପରେସନ୍ ସିନ୍ଦୁର୍ ଜରିଏ ଇ ଆକ୍ରମଣ୍‌ର ଉତର୍ ଦେଇଛେ । ଯେନ୍‌କେନ୍‌ସି ପରିସ୍ଥିତିର୍ ମୁକାବିଲା କର୍‌ବାର୍‌କେ ଦେଶର୍ ସଶସ୍ତ୍ର ବାହିନୀ ସକ୍ଷମ୍ ବଲି ରାଷ୍ଟ୍ରପତି କହିଛନ୍ । ଆତଙ୍କବାଦ୍ ବିରୋଧ୍ ନ ମାନବ୍ ଜାତିର୍ ଲଢ଼େଇର

ଇତିହାସ୍‌ଥି ଇଟା ଗୁଟେ ଉଦାହରଣ୍ ହେଇକରି ରହେବା ବଲି ରାଷ୍ଟ୍ରପତି କହିଛନ୍ ।

ପ୍ରତିରକ୍ଷା କ୍ଷେତ୍ର ନ ଦେଶର୍ ଆତ୍ମନିର୍ଭରଶୀଳତା ଅପରେସନ୍ ସିନ୍ଦୁର୍ ଗୁଟେ ପରୀକ୍ଷା ଥିଲା । ସ୍ୱଦେଶୀ ଉତ୍ପାଦନ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ସ୍ତର ହାସଲ୍ କରିପାରିଛେ ବଲି ଇଟା ପ୍ରମାଣ୍ କରିପାରିଛେ । ବିଶ୍ୱର୍ ପ୍ରମୁଖ ଅଥର୍ନୈତିକ ଦେଶ୍‌ମାନ୍‌କର୍ ଭିତ୍‌ରେ ଭାରତ୍ ଜୋର୍‌ସେ ଆଗ୍‌କେ ବଢୁଥିବା ଅର୍ଥନୀତି ଭାବେ ଉଭା ହେଇପାରିଛେ । ଗଲା ଆର୍ଥିକ୍ ବଛ୍‌ରେ ଦେଶର୍ ଅଭିବୃଦ୍ଧି ହାର ୬ ଦଶ୍‌ମିକ୍ ୫ ପ୍ରତିଶତ୍ ଥିଲା । ଅର୍ଥନୀତି କ୍ଷେତ୍ରଥି ବୈଶ୍ୱିକ ଚାପ ଥିଲେ ଭିଲ୍ ଘରୋଇ ଚାହିଦା ତୁର୍‌ତି ହେଇପାରିଛେ, ମୁଦ୍ରାସ୍ଫିତି ଆଏତେ ରହିଛେ ଆଉ ରପ୍ତାନୀ ବଢୁଛେ ବଲି ରାଷ୍ଟ୍ରପତି କହିଛନ୍ । ସୁଶାସନ୍ ଜରିଏ ଲୁକେ ଦାରିଦ୍ର୍ୟ ସୀମାରେଖାନୁ ଉପର୍‌କେ ଉଠିଛନ୍ । ଆୟ ଅସମାନତା କମ୍ ହଉଛେ ଆଉ ଆଂଚଲିକ୍ ବୈଷମ୍ୟ ଭିଲ୍ ଦୂର୍ ହେଉଛେ ।

ଭାରତ୍ ମାଳା ପରିଯୋଜନା ଅଧୀନ୍‌ଥି ଜାତୀୟ ରାଜପଥ ସଂଯୋଗୀକରଣ୍‌କେ ଅଏତ୍‌କା ବ୍ୟାପକ ଆଉ ବର୍‌କସ୍ କରାଯାଇପାରିଛେ । ରେଲ୍‌ବାଇ କ୍ଷେତ୍ର ନ ବହୁତ୍‌ଟେ ପରିବର୍ତନ୍ ହେଇପାରିଛେ । ପ୍ରଯୁକ୍ତିବିଦ୍ୟାର୍ ଉପଯୋଗ୍ ଜରିଏ ରେଲ୍ ଯୋଗାଯୋଗ, ଯାତ୍ରୀସେବା, ଅଏତ୍‌କା ବ୍ୟବସ୍ଥିତ୍ ହେଇପାରିଛେ । ସର୍‌କାର୍ ମେଟ୍ରୋ ରେଲ୍ ସୁବିଧାକେ ବ୍ୟାପକ୍

କର୍‌ବାର୍‌ ସହେତେ ସହରୀ ବିକାଶ୍‌କରଣ୍‌ କ୍ଷେତ୍ରଥି ଧ୍ୟାନ କେନ୍ଦ୍ରୀଭୂତ କରୁଛନ୍‌ । ଜଲ୍‌ଜୀବନ୍‌ ମିଶନ୍‌ ଗ୍ରାମୀଣ ଜୀବନ୍‌ ତହଁକଉଛେ ।

ଭାରତୀୟ ମହାକାଶ୍‌ଚାରୀ ଶୁଭାଂଶୁ ଶୁକ୍ଲାଙ୍କର୍‌ ଐତିହାସିକ୍‌ ମହାକାଶ୍‌ ଯାତ୍ରା ଆଝିରର୍‌ ପିଢ଼ିକେ ବଡ଼ ସପନ୍‌ ଦେଖ୍‌ବାର୍‌ ଲାଗି ତହଁକେଇଛେ ବଲି ରାଷ୍ଟ୍ରପତି କହିଛନ୍‌ ।

(ଭଏସ୍‌ ଓଭର୍‌- ଶୁଭ୍ରାଂଶୁ ଶୁକ୍ଲା)

ଆୟୁଷ୍ମାନ୍‌ ଭାରତ୍‌ ଯୋଜ୍‌ନା ଅଧୀନ୍‌ଥି ବହୁତ୍‌ଟେ ପରିବର୍ତ୍ତନ୍‌ ଘଟିଛେ । ୭୦ ବଛର୍‌ ଆର୍‌ ତାର୍‌ନୁ ଅଏତ୍‌କା ବୟସ୍କ ନାଗରିକ୍‌ମାନ୍‌କର୍‌ ଲାଗି ଆୟୁଷ୍ମାନ୍‌ ବୟୋବନ୍ଦନା ଯୋଜ୍‌ନା ଅଏତ୍‌କା ସଫଲ୍‌ ହେଇପାରିଛେ । ସ୍ୱାସ୍ଥ୍ୟସେବା ଫି ନାଗରିକଙ୍କର୍‌ ପାଖ୍‌କେ ପୁହୁଁଚାବାର୍‌କେ ସର୍‌କାର୍‌ ଚେରେଷ୍ଟା ଜାରି ରଖିଛନ୍‌ । ଦେଶର୍‌ ପାଖାପାଖି ସବୁ ଗାଁକେ ଫୋର୍‌ଜି ମୋବାଇଲ୍‌ ସଂଯୋଗ୍‌ଥି ସାମିଲ୍‌ କରାଯାଇସାରିଛେ । ଡିଜିଟାଲ୍‌ ଇଣ୍ଡିଆ ପଦକ୍ଷେପ୍‌ ଭାରତ୍‌କେ ବିଶ୍ୱସ୍ତର୍‌ ନ ପ୍ରତିପାଦନ୍‌ କରିପାରିଛେ ବଲି ରାଷ୍ଟ୍ରପତି କହିଛନ୍‌ ।

(ଭଏସ୍‌ ଓଭର୍‌ - ଡିଜିଟାଲ୍‌ ଇଣ୍ଡିଆ)

ସ୍ୱାଧୀନତା ଦିବସ୍‌ ସମାରୋହ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ୭୯ ନମ୍ବର୍ ସ୍ୱାଧୀନତା ଦିବସ୍ ଅବ୍‌ସରେ ଦିଲ୍ଲୀର୍ ଐତିହାସିକ ଲାଲ୍‌କିଲ୍ଲାନୁ ଜାତୀୟ ପତାକା ଉତୋଲନ୍ ସହେତେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇ ବଛର୍ ସ୍ୱାଧୀନତା ଦିବସ୍‌ର ବିଷେ ହେଉଛେ 'ଆତ୍ମନିର୍ଭର୍ ପଂଚାୟତ୍ ବିକଶିତ ଭାରତ୍‌ର ପରିଚୟ' । ଜନଭାଗିଦାରୀକେ ବଢ଼ାବାର୍ ଉଦ୍ଦେଶ୍‌ଥି ଲାଲ୍‌କିଲ୍ଲା ଠାନେ ଇ ସମାରୋହଥି ଯୋଗ୍ ଦେବାର୍‌କେ ଭିନ୍ ଭିନ୍ ବର୍ଗର୍ ପାଖାପାଖି ୫ ହଜାର୍ ଅତିଥିଙ୍କୁ ନିଉତା ଦିଆଯାଇଛେ । ଇତାର୍‌ଭିତ୍‌ରେ ୨୮ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ୨ ଶହ ୧୦ ଝନ୍ ପଂଚାୟତ୍ ପ୍ରତିନିଧି ନିଉତା ପାଇଛନ୍ । ଗ୍ରାମ୍‌ପଂଚାୟତ୍ ନ ଉନ୍ନତ ଭିତିଭୂମି ସେବା ଆଉ ସାମୂହିକ୍ ପଦକ୍ଷେପ୍ ନେଇକରି ନିଜର୍ ଗୁଟେ ଭିନେ ପରିଚୟ ବନେଇ ପାରିଥିବା ଇ ଅତିଥି ମାନ୍‌କୁ ନୂଆଦିଲ୍ଲୀ ଠାନେ ସମ୍ବର୍ଦ୍ଧିତ୍ କରାଯିବା ।

ଭୁବ୍‌ନେଶ୍ୱର୍ ମହାତ୍ମା ଗାନ୍ଧୀ ମାର୍ଗ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କର୍‌ବେ ।

କେନ୍ଦୁଝର୍‌ନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଉ କଟକ ନ ପ୍ରଭାତି ପରିଡ଼ା ପତାକ ଉତୋଲନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ସମ୍ବଲପୁର ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ, ବଲାଙ୍ଗୀର ନ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ,

କଲାହାଣ୍ଡି ନ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସୁନ୍ଦରଗଡ଼ ନ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରମୁଖ ପ୍ରତାକା ଉତୋଲନ୍ କର୍‌ବେ ।

ବିଭାଜନ ବିଭୀଷିକା ସ୍ମୃତି ଦିବସ

ଆର୍‌ଏନ୍‌ୟୁ/ କଟକ୍/ ନୂଆପଡ଼ା

୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖ୍ ଆଝିରର୍ ଦିନେ ଦେଶ୍ ବିଭାଜନ୍ ହେଇଥିଲା । ଇ ଦିନ୍‌କେ ମନେ ପକେଇକରି ଦେଶେ ଆଏଜ୍ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଲନ୍ କରାଯାଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୯ ନମ୍ବର୍ ସ୍ୱାଧୀନତା ଦିବସ୍ ପାଲନ୍ ଆଘୋନୁ ଦେଶ୍ ବିଭାଜନ୍‌ର ଦୁଖ୍‌କେ ସୋର୍ କରିକରି ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍, ଆଝିରର୍ ଦିନ୍ ଆମର୍ ଇତିହାସ୍‌ରେ ଗୁଟେ ଦୁଖଦ୍ ଅଧ୍ୟାୟ ଜରିଏ ସୃଷ୍ଟି ହେଇଥିବା ବିପ୍ଳବ୍ ଆଉ ଯନ୍ତ୍ରଣାକେ ସୁର୍‌ତା କରାସି । ଏଛନିର୍ ସମିଆଥି ଦେଶର୍ ଏକତା ଆଉ ସମ୍ମିଳିତ ବନ୍ଧନ୍‌କେ ବର୍‌କସ୍ କର୍‌ବାର୍‌ଟା ସମ୍‌କର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଇ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଲନ୍ କରାଯାଇଛେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଅଗ୍ରସେନ୍ ଭବନ୍ ଠାନେ ଇ ଅବ୍‌ସରେ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଅତିଥି ମାନେ ଦେଶ୍ ବିଭାଜନ୍ ବେଳେ ଘଟିଥିବା ବିଭିଷିକା ବାବ୍‌ଦେ ଆଲୋଚନା କରିଥିଲେ ।

ହର୍‌ଘର୍ ତ୍ରିରଙ୍ଗା ଅଭିଯାନ ସମ୍ବଲପୁର/ସୁବର୍ଣ୍ଣପୁର୍/ନୂଆପଡ଼ା/ବୌଦ୍ଧ

ରାଷ୍ଟ୍ରୀୟ ଏକତାକେ ବର୍‌କସ୍ କର୍‌ବାର୍ ଦିଗେ ତ୍ରିରଙ୍ଗା ଶୋଭାଯାତ୍ରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କଟକ୍ ୪୨ ମୌଜା ନ ହେଇଥିବା ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରାଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି ଆମର୍ ଜାତୀୟ ପତାକା ଆମର୍ ସଂକଳ୍ପ, ସଂଘର୍ଷ, ବଳିଦାନ୍ ଆଉ ତ୍ୟାଗର୍ ପ୍ରେରଣାଦାୟୀ ମୁକସାଖୀ ଆଏ ବଲି କହିଛନ୍ । ୪୨ ମୌଜାର୍ ବ୍ରହ୍ମପୁର୍ ଛକ୍‌ଠାନୁ କଲ୍‌ପଡ଼ା ତକ୍ ୧୦ କିଲୋମିଟର୍ ତ୍ରିରଙ୍ଗା ଶୋଭାଯାତ୍ରାଥି ମୁଖ୍ୟମନ୍ତ୍ରୀ ସାମିଲ୍ ହେଇଥିଲେ ।

ସେଆଡ଼େ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ଅଧୀନ୍‌ଥି ଆଏଜ୍ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ ।

ସମ୍ବଲ୍‌ପୁର୍‌ର୍ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବାହିନୀ ତର୍‌ଫୁ ସମ୍ବଲ୍‌ପୁର୍ ଠାନେ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଗ୍ରୁପ୍ କେନ୍ଦ୍ରର୍ ଡି.ଆଇ.ଜି. ସଞ୍ଜୟ କୁମାର୍ ସିଂଙ୍କର୍ ଦେଖ୍‌ରେଖ୍‌ଥି ଗୋଶାଲା ଛକ୍ ନ ଲୁକ୍‌କୁ ତ୍ରିରଙ୍ଗା ବଂଟାଯାଇଥିଲା ।

ସୁବର୍ଣ୍ଣପୁର୍ ଠାନେ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ଅବ୍‌ସରେ ସୁବର୍ଣ୍ଣପୁର୍ ମହାବିଦ୍ୟାଲୟ ଆଉ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ୍ ତର୍‌ଫୁ ତ୍ରିରଙ୍ଗା ଶୋଭାଯାତ୍ରା ହେଇଯାଇଛେ । ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜୀବ ଲୋଚନ୍ ଆଚାର୍ଯ୍ୟଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା ତ୍ରିରଙ୍ଗା ଶୋଭାଯାତ୍ରାଥି ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ ଜଗ୍‌ଦଲା, ଆରକ୍ଷୀ ଅଧିକ୍ଷକ୍ ନାରାୟଣ୍ ନାୟକ୍‌ଙ୍କର୍ ସହେତେ ଅଧିକାରୀ ଆଉ ଛାତ୍ରଛାତ୍ରୀମାନେ ଯୋଗ୍ ଦେଇଥିଲେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞପିତ ଅଂଚଳ ପରିଷତ ତର୍‌ଫୁ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ତ୍ରିରଙ୍ଗା ଶୋଭାଯାତ୍ରା ଠାକୁରାଣୀ ମନ୍ଦିର୍‌ନୁ ବାହାରିକରି ବ୍ଲକ୍ ଛକ୍‌ତକ୍ ଯାଇଥିଲା । ସେନ୍ତା ଗୁଟେ ତ୍ରିରଙ୍ଗା ଶୋଭାଯାତ୍ରା ସହରର୍ ଅଗ୍ରସେନ୍ ଧର୍ମଶାଳା ନୁ ବାହାରିକରି ନଗର୍ ପରିକ୍ରମା କରିଥିଲା । ଇଥି ଶହେ ଫୁଟ୍ ଲମ୍ବା ତ୍ରିରଙ୍ଗା ପତାକାକେ ଶୋଭାଯାତ୍ରାଥି ନିଆଯାଇଥିଲା ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତର୍ଫୁ ହର୍ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ସାଇକିଲ୍ ଶୋଭାଯାତ୍ରାକେ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଉଦ୍‌ଘାଟନ୍ କରିକରି ନିଜେ ସେଥି ସାମିଲ୍ ହେଇଥିଲେ ।

ବୀରତା ଆଉ ସେବା ପଦକ୍        ଏନ୍‌ଏସ୍‌ଡି

୭୯ ନମ୍ବର୍ ସ୍ୱାଧୀନତା ଦିବସ୍ ପାଲନ୍ ହେବାର୍ ଆଘୋନୁ ଦେଶର୍ ୧ ହଜାର୍ ୯୦ ଝନ୍ ପୁଲିସ୍, ଅଗ୍ନିଶମ ବାହିନୀ, ହୋମ୍‌ଗାର୍ଡ଼ ଆର୍ ବେସାମରିକ୍ ସୁରକ୍ଷା ସେବା କର୍ମଚାରୀଙ୍କୁ ବୀରତା ଆଉ ସେବା ପଦକ୍ ଦିଆଯିବାର୍ ଲାଗି ଘୋଷ୍‌ନା କରାଯାଇଛେ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ସାହସିକତା ଲାଗି ୨ ଶହ ୩୩ ଝନ୍‌କୁ ପଦକ୍ ଦିଆଯିବାର୍‌କେ ଥିବାର୍ ବେଲେ ୯୯ ଝନ୍‌କୁ ରାଷ୍ଟ୍ରପତି ମେଡ଼ାଲ୍ ଦିଆଯିବା । ଉଲ୍ଲେଖନୀୟ ସେବା ଲାଗି ୭ ଶହ ୫୮ ଝନ୍‌କୁ ସେବା ମେଡ଼ାଲ୍ ଦିଆଯିବା । ସେଥିର୍ ଭିତ୍‌ରେ ଓଡ଼ିଶାର୍ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ୍ ରବୀନ୍ଦ୍ର କୁମାର୍ ପଣ୍ଡା ଆଉ କମାଣ୍ଡାଂଟ୍ ନରେଶ୍ କୁମାର୍ ପଟେଲ୍ ରାଷ୍ଟ୍ରପତି ପଦକ୍ ଲାଗି ମନୋନୀତ୍ ହେଇଥିବାର୍ ବେଲେ ୯ ଝନ୍‌କୁ ସାହସିକତା ପଦକ୍ ଲାଗି ମନୋନୀତ୍ କରାଯାଇଛେ । ଇତାର୍‌ଛଡ଼ା ୧୧ ଝନ୍‌କୁ ଉଲ୍ଲେଖନୀୟ ସେବା ପଦକ୍ ପ୍ରଦାନ୍ କର୍‌ବାର୍‌କେ ଘୋଷ୍‌ନା କରାଯିବା ।

ଦୂରଦର୍ଶନ୍-ସମ୍ବଲ୍ପୁରୀ ସମାଚାର୍ ଆର୍ଏନ୍ୟୁ/ ସମ୍ବଲପୁର

ସ୍ୱାଧୀନତା ଦିବସ୍ର ଶୁଭ ଅବ୍ସରେ ଭୁବ୍ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ରର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍ଫୁ ଆଏବା କାଏଲ୍ ସମ୍ବଲ୍ପୁରୀ ସମାଚାର୍ ପ୍ରସାରଣ୍ର ଶୁଭାରମ୍ଭ କରାଯିବା । ସଖାଲ୍ବେଲା ୧୧ ବଜେନୁ ୧୧ ବାଜିକରି ୧୫ ମିନିଟ୍ତକ୍ ସମ୍ବଲ୍ପୁରୀ ଭାଷା ନ ଡିଡି ଓଡ଼ିଆଥି ପ୍ରସାରଣ୍ କରାଯିବା । ଇଥିର୍ଲାଗି ଦିନର୍ ସାଢ଼େ ୧୦ ବଜେ ଶୁଭାରମ୍ଭ କାର୍ଯ୍ୟକ୍ରମ୍ ମୁଲ୍ କରାଯିବା ବଲି ଭୁବ୍ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ରର୍ ଆଂଚଲିକ୍ ସମ୍ବାଦ ବିଭାଗ୍ ମୁଖ୍ୟ ଡକ୍ଟର୍ ଅଭିଷେକ୍ ମିଶ୍ର ଜନେଇଛନ୍ ।